# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତସିଂହପୁର

## (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)

ବିଜ୍ଞପ୍ତି ନଂ ୩୦୬ ଡିସିପିୟୁ, ତା ୨୪.୦୮.୨୦୨୦ //

ଏତଦ୍ୱାରା ଜଗତସିଂହପୁର ଜିଲ୍ଲା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ପ୍ରତିପାଳନ ଯତ୍ନ (Foster Care ) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଇଅଛି । ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ଯେଉଁଠି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖା ଯାଇଥାଏ ଏବଂ ଆବଶ୍ୟକ ସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳନ କରିବାର ବ୍ୟବସ୍ଥା ରହିଅଛି । ଏହା କିଶୋର ନ୍ୟାୟ ଆଇନ-୨୦୧୫ ଅନ୍ତର୍ଗତ ଧାରା- ୪୪ ଓ କିଶୋର ନ୍ୟାୟ ନିୟମ-୨୦୧୬ ଅନ୍ତର୍ଗତ ଅଧିନିୟମ-୨୩ ଏବଂ ମଡେଲ ଗାଇଡଲାଇନ, ପ୍ରତିପାଳନ ଯତ୍ନ (Foster Care ) -୨୦୧୬ ଅନୁଯାୟୀ ଶିଶୁ ମାନଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ରହିଅଛି । ପ୍ରତିପାଳନ ନିମନ୍ତେ କେବଳ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଇଚ୍ଛୁକ ପିତାମାତା କିମ୍ବା ସଂଗଠନ (କିଶୋର ନ୍ୟାୟ ଆଇନ-୨୦୧୫ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ଅନୁଷ୍ଠାନ ) ମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ , ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଠିକଣା- ରେଡକ୍ରସ ଭବନ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତସିଂହପୁର ,ପିନ ନଂ-୭୫୪୧୦୩, ଫୋନ-୦୬୭୨୪-୨୨୧୧୮୫ କୁ ଆବେଦନ କରିପାରିବେ । ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ୩୦.୦୯.୨୦୨୦ । ମଡେଲ ଗାଇଡଲାଇନ, ପ୍ରତିପାଳନ ଯତ୍ନ (Foster Care ) -୨୦୧୬, ଦରଖାସ୍ତ ଫର୍ମ , ତଥା ଅନ୍ୟାନ୍ୟ ତଥ୍ୟ www.jagatsinghpur.nic.in ରେ ଉପଲବ୍ଧ ଅଛି ।

(Signature) ୨୪-୮-୨୦୨୦

ଜିଲ୍ଲାପାଳ, ଜଗତସିଂହପୁର